କେନ୍ଦୁଝର ବନଖଣ୍ଡ, ରାଉରକେଲା ମଣ୍ଡଳ ଦ୍ୱାରା
ଏକ ପଦକ୍ଷେପ

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ
ଓଡିଶା ସରକାର



# ମନୁଷ୍ୟ-ହାତୀ ସହାବସ୍ଥାନ ମାର୍ଗଦର୍ଶିକା

## ମନୁଷ୍ୟ ଏବଂ ହାତୀ ମଧ୍ୟରେ କାହିଁକି ସଂଘର୍ଷ ହୋଇଥାଏ ଏବଂ ହାତୀଙ୍କ ସହ ସଂଘର୍ଷକୁ କିପରି ଏଡ଼ାଇ ହେବ


“ଆମେ ଆମର
ଜାତୀୟ ଐତିହ୍ୟ ପ୍ରାଣୀ...ଗଜକୁ ସଂରକ୍ଷଣ କରିବାକୁ ପ୍ରତିବଦ୍ଧ”
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


ମନୁଷ୍ୟ ଏବଂ ହାତୀ
ମଧ୍ୟରେ କାହିଁକି ସଂଘର୍ଷ
ହୋଇଥାଏ, ଏବଂ ହାତୀଙ୍କ
ସହ ସଂଘର୍ଷକୁ କିପରି
ଏଡ଼ାଇ ହେବ?


ମନୁଷ୍ୟ ଏବଂ ହାତୀ ମଧ୍ୟରେ ସଂଘର୍ଷର ମୁଖ୍ୟ କାରଣ:
• ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ବିଭାଜନ
• ଜନସଂଖ୍ୟା ବୃଦ୍ଧି ଏବଂ ସହରୀକରଣ
• ଖାଦ୍ୟ ଏବଂ ଜଳର ଅଭାବ


Elephant Corridor
ହାତୀମାନଙ୍କର ଏକ ନିୟମିତ ଚଲାପଥ ଥାଏ ଯାହାକୁ ହାତୀର କରିଡର କୁହାଯାଏ |


ହାତୀ-ଚଲାପଥ(କରିଡର),
ଜଙ୍ଗଲ ଭୂମି ଓ ଆଶ୍ରୟ ସ୍ଥଳୀର
ବିନାଶ ଦ୍ୱାରା ହାତୀମାନେ ବାଧ୍ୟ
ହୋଇ ଜନବସତି ଆଡକୁ
ଅଗ୍ରସର ହେଉଛନ୍ତି।


ଜଙ୍ଗଲ ଓ ହାତୀ-ଚଲାପଥ (କରିଡର)ର ସଂରକ୍ଷଣ କରି ଆମେ ହାତୀ ମନୁଷ୍ୟ ସଂଘର୍ଷକୁ ହ୍ରାସ କରିପାରିବା ।


ହାତୀ-ମନୁଷ୍ୟ ସଂଘର୍ଷ ପରିଚାଳନା
ପାଇଁ କ'ଣ କରିବା ଉଚିତ୍?
ବା କ'ଣ କରିବା ଉଚିତ୍ ନୁହେଁ?


କ'ଣ କରିବା ଉଚିତ୍?
ଜନବସତି ଅଞ୍ଚଳ ନିକଟରେ ହାତୀ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦିଅନ୍ତୁ ।
କେନ୍ଦୁଝର ବନଖଣ୍ଡ
ନିୟନ୍ତ୍ରଣ କକ୍ଷ ୬୩୭୦୫୯୨୦୯୯


କ'ଣ କରିବା ଉଚିତ୍?
ସ୍ଥାନୀୟ ବନ ଅଧିକାରୀଙ୍କ ଚେତାବନୀ ଏବଂ ପରାମର୍ଶକୁ ଧ୍ୟାନ ଦିଅନ୍ତୁ ।


କ'ଣ କରିବା ଉଚିତ୍?
ଯଦି ଆପଣ ହାତୀର ସମ୍ମୁଖୀନ ହୁଅନ୍ତି, ବିଶେଷକରି ଏକାକୀ କିମ୍ବା ଅନ୍ଧାରରେ, ତେବେ ସୁରକ୍ଷିତ ସ୍ଥାନକୁ ଦୌଡି ଯାଆନ୍ତୁ ।


କ'ଣ କରିବା ଉଚିତ୍?
BEWARE ABOUT ELEPHANT ACTIVITY
ହାତୀ ଚଳପ୍ରଚଳ ଅଞ୍ଚଳରେ ନିଜର ସୁରକ୍ଷା ବିଷୟରେ ସଜାଗ ରୁହନ୍ତୁ ।


କ'ଣ କରିବା ଉଚିତ୍?
ଗାଁ ଆଖପାଖରେ ପରିଚିତ ହାତୀ ଚଳପ୍ରଚଳ ପଥକୁ ଭଲ ଭାବେ ଆଲୋକିତ କରି ରଖନ୍ତୁ ।


କ'ଣ କରିବା ଉଚିତ୍?
ଆକସ୍ମିକ ହାତୀ ସହ ସମୁଖୀନ ନ ହେବା ପାଇଁ ରାତିରେ ନିଜ ସହିତ ସର୍ବଦା ଏକ ଟର୍ଚ୍ଚ ଲାଇଟ୍ ରଖନ୍ତୁ ।


କ'ଣ କରିବା ଉଚିତ୍?
ହାତୀମାନଙ୍କୁ ଘୌଡେଇବା ପାଇଁ ବାଜା,ଡ୍ରମ୍, ଟିଣ ଏବଂ ଅନ୍ୟାନ୍ୟ ଶବ୍ଦ ଉତ୍ପାଦନକାରୀ ଉପକରଣ ବ୍ୟବହାର କରନ୍ତୁ ।


କ'ଣ କରିବା ଉଚିତ୍?
ହାତୀମାନଙ୍କୁ ଆପଣଙ୍କ ଅଞ୍ଚଳଠାରୁ ଦୂରେଇ ଯିବାକୁ ରାସ୍ତା ଦିଅନ୍ତୁ ।


କ'ଣ କରିବା
ଉଚିତ୍?
ସୁରକ୍ଷିତ ଭାବରେ ହାତୀମାନଙ୍କୁ ଘଉଡାଇବା ପାଇଁ
ଗ୍ରାମବାସୀଙ୍କ ସହ ଗୋଷ୍ଠୀ ଗଠନ କରନ୍ତୁ ।


କ'ଣ କରିବା ଉଚିତ୍?
ରାପିଡ୍ ରେସପନ୍ସ ଟିମ୍ (RRT), ଗଜସାଥୀ କିମ୍ବା ହାତୀ ପର୍ଯ୍ୟବେକ୍ଷକଙ୍କ ଅନୁପସ୍ଥିତିରେ ହାତୀ କୁ ଘୌଡେଇବାକୁ ଚେଷ୍ଟାନକରି ବନ ବିଭାଗକୁ ସୂଚନା ଦିଅନ୍ତୁ ଏବଂ ହାତୀ ଠାରୁ ସୁରକ୍ଷିତ ଦୂରତା ଅବଲମ୍ବନ କରନ୍ତୁ।

## କ'ଣ କରିବା ଉଚିତ୍?

ସୁରକ୍ଷିତ ସୌର ବାଡ଼ ଲଗାଇବା ପାଇଁ ସ୍ଥାନୀୟ ବନ ବିଭାଗ କିମ୍ବା ବନ ବିଭାଗ ସହ ଜଡିତ ହାତୀ ସଂରକ୍ଷଣ ପାଇଁ କାମ କରୁଥିବା ବେସରକାରୀ ଅନୁଷ୍ଠାନର ସହଯୋଗ ନିଅନ୍ତୁ ।




କ'ଣ କରିବା ଉଚିତ୍?
ଯଦି  ଆପଣଙ୍କ ଘର ନିକଟରେ କଦଳୀ ଏବଂ ପଣସ ଭଳି ଫଳ ଗଛ ଥାଏ ତେବେ ଅତିରିକ୍ତ ସତର୍କତା ଅବଲମ୍ବନ କରନ୍ତୁ କାରଣ ଏହା ହାତୀମାନଙ୍କୁ ଆକୃଷ୍ଟ କରିଥାଏ |

## କ'ଣ କରିବା ଉଚିତ୍?




ବାହାରେ ଶୌଚ କରିବାରୁ ଦୂରେଇ ରହିବା ଉଚିତ୍,
ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ।


କ'ଣ କରିବା
ଉଚିତ୍ ନୁହେଁ ?
NO
ରାତି କିମ୍ବା ଭୋର ସମୟରେ ହାତୀ ପ୍ରବଣ ଅଞ୍ଚଳରେ
ଜଙ୍ଗଲ ଜାତୀୟ ଦ୍ରବ୍ୟ ସଂଗ୍ରହ ପାଇଁ ଯାଆନ୍ତୁ ନାହିଁ।


କ'ଣ କରିବା
ଉଚିତ୍ ନୁହେଁ ?
NO
ହାତୀ ସହିତ ସେଲ୍ଫି
ନିଅନ୍ତୁ ନାହିଁ ।


କ'ଣ କରିବା
ଉଚିତ୍ ନୁହେଁ ?
NO
ହାତୀ ପଲକୁ ସବୁ ଦିଗରୁ ଘେରି ରଖନ୍ତୁ ନାହିଁ ଏବଂ
ଟେକା ପଥର ଫୋପାଡନ୍ତୁ ନାହିଁ ।


କ'ଣ କରିବା ଉଚିତ୍ ନୁହେଁ ?
ଧାନ, ଚାଉଳ, ହାଣ୍ଡିଆ ଆଦି ଖାଦ୍ୟ ପଦାର୍ଥ ଶୋଇବା କକ୍ଷରେ ରଖନ୍ତୁ ନାହିଁ । ନିଜ ଗାଁ ନିକଟରେ ଦେଶୀ ମଦ ଉତ୍ପାଦନ କରନ୍ତୁ ନାହିଁ ।


କ'ଣ କରିବା
ଉଚିତ୍ ନୁହେଁ ?
NO
ହାତୀଙ୍କ ବେଗକୁ ଅଣଦେଖା
କରନ୍ତୁ ନାହିଁ ।


କ'ଣ କରିବା
ଉଚିତ୍ ନୁହେଁ ?
ମଦ୍ୟପାନ କିମ୍ବା ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିମାନେ ହାତୀଙ୍କ ଆକ୍ରମଣର ଶିକାର ହେବାର ଅଧିକ ଆଶଙ୍କା ଥାଏ, କାରଣ ସେମାନେ ନିର୍ଦ୍ଦେଶାବଳୀ କୁ ପାଳନ କରନ୍ତି ନାହିଁ ଏବଂ ଜାଣି ରଖନ୍ତୁ ନିଶା ଦ୍ରବ୍ୟ ର ବାସ୍ନା ହାତୀକୁ ଆକୃଷ୍ଟ କରିଥାଏ ।


କ'ଣ କରିବା ଉଚିତ୍ ନୁହେଁ ?
ଗାଁ ନିକଟରେ ହାତୀମାନଙ୍କ ଦ୍ୱାରା ବ୍ୟବହୃତ ଯାତାୟତ ପଥରେ ବାଧା ସୃଷ୍ଟି କରନ୍ତୁ ନାହିଁ।


କ'ଣ କରିବା
ଉଚିତ୍ ନୁହେଁ ?
ବେଆଇନ ଭାବେ ସୌର ବାଡ଼ରେ ବିଦ୍ୟୁତ ତାର ସଂଯୋଗ କରନ୍ତୁ ନାହିଁ,
ଏହା ଏକ ଦଣ୍ଡନୀୟ ଅପରାଧ ।
ଏହି ବାଡ଼ଗୁଡ଼ିକ ମୁଖ୍ୟତଃ ହାତୀ, ଅନ୍ୟ ବନ୍ୟଜନ୍ତୁ ଏବଂ ଲୋକଙ୍କ ମୃତ୍ୟୁର
କାରଣ ପାଲଟିଥାଏ ।


ମ୍ୟ ମେନ୍ଦୁଝର ବନଖଣ୍ଡ, ରାଉରକେଲା ମଣ୍ଡଳ ଦ୍ୱାରା
ଏକ ପଦକ୍ଷେପ
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ
ଓଡ଼ିଶା ସରକାର
Authors: Sibasish Sahoo and Shantibhushan Sahoo
The image concepts draw inspiration from Eunoians and OpenAI